# ମାତ୍ର ୧ ହଜାର ଟଙ୍କାରେ ଏଣିକି ଇଣ୍ଟରନେଟ୍ ସୁବିଧା

ଭୁବନେଶ୍ୱର, ତା୧୭।୫ (ବ୍ୟୁରୋ) ସମାଜର ମଧ୍ୟବିତ୍ତ ଶ୍ରେଣୀ ଗ୍ରାହକଙ୍କ ପାଇଁ ଓର୍‌ଟେଲ୍ କମ୍ୟୁନିକେସନ୍ସ ଲିମିଟେଡ୍ ସୁଲଭ ମୂଲ୍ୟରେ ଇଣ୍ଟର୍‌ନେଟ୍ ସେବା ଯୋଗାଇ ଦେବାପାଇଁ ବ୍ୟାପକ ରିହାତି ଘୋଷଣା କରିଛି ।

କେବୁଲ୍ ମାଧ୍ୟମରେ ଟେଲିକମ୍ ସଂଯୋଗିତ ସେବା କଟକ, ଭୁବନେଶ୍ୱର ଯୁଗ୍ମ ସହରରେ ଯୋଗାଇ ଦେବାପାଇଁ ଓର୍‌ଟେଲ୍ କମ୍ୟୁନିକେସନ୍ସ ଲିମିଟେଡ୍‌ର ନେଟ୍ ବିଭାଗ ମାଧ୍ୟମରେ ଗତ କିଛି ବର୍ଷ ହେବ ଟେଲିଫୋନ୍ ଲାଇନ୍‌ବିହୀନ ଇଣ୍ଟରନେଟ୍ ସେବା ଯୋଗାଇବା ଆରମ୍ଭ ହୋଇଥିଲା । ତେବେ ପ୍ରାଥମିକ ସ୍ତରରେ ଏହି କେବୁଲ୍ ମୋଡେମ୍ ବ୍ୟୟବହୁଳ ହୋଇଥିବାରୁ ଅର୍ଥାତ ଯାହାର ମୂଲ୍ୟ ୨୦,୦୦୦ ଟଙ୍କା ଥିଲା ମଧ୍ୟବିତ୍ତ ଶ୍ରେଣୀ ଗ୍ରାହକଙ୍କ ପାଇଁ ସହଜ ସାପେକ୍ଷ ହୋଇପାରିନଥିଲା । ଏଥିପାଇଁ ଭାରତବର୍ଷରେ ଅନେକ ଇଣ୍ଟରନେଟ୍ ସେବା ପ୍ରଦାନକାରୀ ନିଜ ନିଜର ସଂସ୍ଥା ବନ୍ଦ କରିବା ପାଇଁ ବାଧ୍ୟ ହୋଇଥିଲେ । ମାତ୍ର ଓଡ଼ିଶା ଭଳି ରାଜ୍ୟରେ ଏହି ଇଣ୍ଟରନେଟ୍ ସେବାକୁ ସମସ୍ତ ଜିଲାର କୋଣ ଅନୁକୋଣରେ ପହଞ୍ଚାଇ ଲକ୍ଷ୍ୟନେଇ ଓରଟେଲ୍ ନେଟ୍ ସମସ୍ତ ଆର୍ଥିକ ସ୍ଥିତିକୁ ସହ୍ୟ କରି ଦୀର୍ଘ ତିନିବର୍ଷ କାଳ ସଂଘର୍ଷ କରି ଚାଲିଥିଲା ।

ପରବର୍ତ୍ତୀ ସମୟରେ ଡକ୍‌ସିସ୍ ୨.୦ ଯାହାକି ଏକ ଅନ୍ତର୍ଜାତୀୟ ସାଧାରଣ ମୋଡେମ୍‌ର ପ୍ରଚଳନ ଗତ ଅଗଷ୍ଟ ମାସରୁ ଓରଟେଲ୍ ନେଟ୍ ମାଧ୍ୟମରେ ଗ୍ରାହକଙ୍କୁ ସେବା ଯୋଗାଇବାରେ ସକ୍ଷମ ହୋଇପାରିଛି ଏବଂ ଏହା ଦକ୍ଷିଣ ଏସିଆରେ ସର୍ବପ୍ରଥମ ସ୍ଥାନ ଅଧିକାର କରିଛି । ଡକ୍‌ସିସ୍ ୨.୦ ମୋଡେମ୍‌ର ମୂଲ୍ୟ ମାତ୍ର ଏକବର୍ଷ ମଧ୍ୟରେ ୩୦୦୦ ଟଙ୍କାରେ ପହଞ୍ଚିଛି ଯାହାକୁ ପ୍ରତ୍ୟେକ ସାଧାରଣ ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ସହଜସାପେକ୍ଷ । ଓରଟେଲ୍ କମ୍ୟୁନିକେସନ୍ସ ଲିମିଟେଡ୍‌ର ସହଯୋଗୀ ଉପସଭାପତି ଶ୍ରୀ ବିଭୁପ୍ରସାଦ ରଥଙ୍କ କହିବାନୁଯାୟୀ ବିଗତ ଦିନରେ ସେମାନେ ଉପଲବ୍ଧି ତଥା ମୂଲ୍ୟ ଉପରେ କାର୍ଯ୍ୟ କରିଆସୁଥିଲେ ଓ ବର୍ତ୍ତମାନ ମଧ୍ୟବିତ୍ତ ଶ୍ରେଣୀ ଗ୍ରାହକଙ୍କ ନିକଟରେ ଇଣ୍ଟରନେଟ୍ ସେବାକୁ ପହଞ୍ଚାଇବାରେ ସକ୍ଷମ ହୋଇପାରିଛନ୍ତି । କେବଳ ସେତିକି ନୁହେଁ ଏହାର ମାସିକ ଦେୟ ମଧ୍ୟ ହ୍ରାସ କରାଯାଇଛି । ବିଶେଷ କରି ସହରର ବିଭିନ୍ନ ଆପାର୍ଟମେଣ୍ଟରେ ରହୁଥିବା ଗ୍ରାହକଙ୍କୁ କମ୍ ମୂଲ୍ୟରେ ଉଭୟ କେବୁଲ୍ ଟିଭି ଓ ଇଣ୍ଟର୍‌ନେଟ୍ ସେବା ବିଭିନ୍ନ ବ୍ୟବସାୟିକ ଯୋଜନାରେ ଯୋଗାଇବାକୁ ସ୍ଥିର କରାଯାଇଛି । ଓର୍‌ଟେଲ୍ କମ୍ୟୁନିକେସନ୍ସ ସଂସ୍ଥା ଆଜି ମଧ୍ୟବିତ୍ତ ଗ୍ରାହକଙ୍କ ପାଇଁ ଅଧିକ ଗତିସମ୍ପନ୍ନ ଇଣ୍ଟର୍‌ନେଟ୍ ସେବା ମାତ୍ର ମାସିକ ଦେୟ ୧୦୦୦ ଟଙ୍କାରେ ଉପଲବ୍ଧ ହୋଇପାରିଛି । ଏଥି ସହ କୌଣସି ଟେଲିଫୋନ୍ ବିଲ୍, ଟିକସ୍ କିମ୍ବା ସେବାମୂଲ୍ୟ ଦେବାକୁ ପଡ଼େ ନାହିଁ ଏବଂ ଯେଉଁମାନେ ସୀମିତ ସମୟ ପାଇଁ ଏହି ଇଣ୍ଟର୍‌ନେଟ୍ ସେବା ଉପଭୋଗ କରୁଛନ୍ତି ସେମାନଙ୍କୁ ସର୍ବନିମ୍ନ ମାସିକ ଦେୟ ମାତ୍ର ୫୦୦ ଟଙ୍କା ଦେବାକୁ ପଡୁଛି । ଏହାଦ୍ୱାରା ସମଗ୍ର ବିଶ୍ୱରେ ଏହି ଇଣ୍ଟର୍‌ନେଟ୍ ମାଧ୍ୟମରେ ପହଞ୍ଚିବା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ରଥ ପ୍ରକାଶ କରିଛନ୍ତି ।

THE SAMAJ
MAY-17